# ବିହନ ଅଭାବରୁ ଆଗଉନି ଚାଷ

ଜଳେଶ୍ୱର ବ୍ଲକ, ୧୮।୬ (ସମିସ): ବର୍ଷା ଋତୁ ଆରମ୍ଭ ହୋଇ ସାରିଛି। ଚାଷ କାମ ପାଇଁ ଚାଷୀ କୂଳ ତତ୍ପର ହୋଇ ଉଠିଛି। ରବି ଧାନ ଠାରୁ ପଡ଼ିଆ ପଡ଼ିଥିବା ଜମିରେ ଜଳସେଚନ କରି କାଦୁଅ କରିବାକୁ ପ୍ରସ୍ତୁତି ହେଉଛି। ଅତ୍ୟନ୍ତ ଘାସ ବୁଦାରେ ପରିପୂର୍ଣ ଜମିକୁ ହଳ କରିବା ପାଇଁ ପ୍ରାୟତଃ ଭରସା ପାଲଟିଛି ରୋଟର ଯନ୍ତ୍ର। ବିହନ ଚୟନ କରିବା ଠାରୁ ଭିଜେଇବା ପର୍ଯ୍ୟନ୍ତ, ଗଜା କରିବା ଠାରୁ ତଳି ପକାଇବା ଓ ତାକୁ ଚାରା ରେ ପରିଣତ କରିବା କୃଷକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ। ପରେ ଅନୁକୂଳ ପାଗ ଓ ଉପଯୁକ୍ତ ଧାନ ଚାର ଦେଖି ପ୍ରସ୍ତୁତ କାଦୁଅରେ ରୁଆରେ ବ୍ୟସ୍ତ ରହିବେ ଚାଷୀ। ଏଥିପାଏ ଜଳେଶ୍ୱର କୃଷି ଜିଲ୍ଲାରେ ସମସ୍ତ ଚାଷୀଙ୍କ ନିକଟରେ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ହୋଇଥିବା ବିହନ ପହଞ୍ଚି ପାରିନାହିଁ। ଏଥର ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ୧୦ ହଜାର କ୍ୱିଣ୍ଟାଲ ବିହନ ଯୋଗାଇ ଦିଆ ଯିବାକୁ ଲକ୍ଷ୍ୟ ରଖା ଯାଇଥିବା ବେଳେ ୧୩ ଜୁନ୍ ସୁଦ୍ଧା ପାଖାପାଖି ୪ ହଜାର କ୍ୱିଣ୍ଟାଲ ବିହନ ଚାଷୀ ନେଇଛନ୍ତି। ଅଳ୍ପଦିନ ମଧ୍ୟରେ ଚାଷ କାମ ଆରମ୍ଭ ହେଉ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଚାଷୀଙ୍କ ନିକଟରେ ଅବଶିଷ୍ଟ ୬ ହଜାର କ୍ୱିଣ୍ଟାଲ ବିହନ ଯୋଗାଇବା ଜରୁରୀ, ନ ହେଲେ ଏହି ଋତୁରେ ଚାଷକାର୍ଯ୍ୟ ପ୍ରଭାବିତ ହେବା ନେଇ ଆଶଙ୍କା କରା ଯାଉଛି। କିନ୍ତୁ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ଯାଉଥିବା ବିହନ ମଞ୍ଜି ଉପରେ ଚାଷୀର ସମ୍ପୂର୍ଣ୍ଣ ଭରସା ନାହିଁ। ତାହାର କାରଣ ଅନେକ ଥିବା ବେଳେ ପଶ୍ଚିମବଙ୍ଗ ଉପଲବ୍ଧ ଅଧିକ ଅମଳକ୍ଷମ ବିହନ ଉପରେ ଚାଷୀ ଅଧିକ ଭରସା କରୁଛନ୍ତି। ଏପରିକି ବିଭିନ୍ନ ରାଷ୍ଟ୍ରାୟତ କମ୍ପାନୀ ପ୍ରସ୍ତୁତ ଧାନ ବିହନ ହାଟ ବଜାର ଦୋକାନରେ ଉପଲବ୍ଧ ହେଉଛି। ସେହି ବିହନକୁ ଅଧିକ ମୂଲ୍ୟରେ କ୍ରୟ କରି ଅଧିକ ଅମଳ ପାଇବାକୁ ଚାଷୀ ଲକ୍ଷ୍ୟ ରଖିଛି। ବିକ୍ରୟ ହେଉଥିବା ଧାନ ବିହନ ଭିତରେ ନୁଜିଭିଡୁ ସିଡସ କମ୍ପାନୀରେ ଏନପି ୭୦୭୫ ଅଧିକ ଚାହିଦା ରହିଛି। ଏହି ୬ କେଜିର ବିହନ ବସ୍ତାକୁ ୫୫୦ ଟଙ୍କାରେ ବିକ୍ରୟ ହେଉଛି। ଏହାଛଡ଼ା ଏହି କମ୍ପାନୀରେ ୮ ଟି କିସମ ମଧ୍ୟରୁ ୭୦୭୧(ଇନ୍ଦ୍ରାଣୀ) ଏନପି ୪୨୩ (କନକ) ୭୦୨୯ (ସ୍ୱର୍ଣ୍ଣ ମୁଖୀ) ମଧ୍ୟ ବିକ୍ରୟ ହେଉଛି। ମଙ୍ଗଳ ମୂର୍ତ୍ତି କମ୍ପାନୀରେ ୭୦୨୯ (ସ୍ୱର୍ଣ୍ଣ) ବିହନ କୃଷକ ପସନ୍ଦ କରୁଛନ୍ତି। ଜିଏମ ଏସ କମ୍ପାନୀ ରେ ବିବ୧୧, କଳାଚମ୍ପା, ସ୍ୱର୍ଣ୍ଣପ୍ଲାସ, ଅନେକେ ବିହନ ଅଧିକ ଦରରେ ମିଳୁଛି। ଜଳ ବହୁଳ ଚାଷ ଜମି, ଉଠା ଜମି ଲାଗି ବିଭିନ୍ନ କିସମର ମଞ୍ଜୀ ବଜାରରେ ଉପଲବ୍ଧ ହେଉଛି। ଜଳେଶ୍ୱର କୃଷି ଜିଲ୍ଲାରେ ସାଧାରଣତଃ ଧାନ ଚାଷ ଅଧିକ ପରିମାଣରେ ହୋଇଥାଏ।କେତେକ ଗହିରିଆ ଓ ଅର୍ଥକାରୀ ଫସଲ ଜମିକୁ ଛାଡ଼ି ପ୍ରାୟ ସମସ୍ତ କ୍ଷେତରେ ବିଭିନ୍ନ କିସମର ଧାନ ଚାଷ ହୋଇଥାଏ। ଏଠାକାର ଲୋକେ ଧାନକୁ ମୁଖ୍ୟ ଫସଲ ଭାବେ ଚାଷ କରିବା ସହିତ ଜିଲ୍ଲାର ମାଟି ମଧ୍ୟ ଧାନଚାଷ ଅନୁକୂଳ। ଅର୍ଥନୈତିକ ଦୃଷ୍ଟିକୋଣରୁ ଧାନ ଫସଲର ଅମଳ ଉପରେ ଚାଷୀଙ୍କ ଆର୍ଥିକ ସ୍ଥିତ ବହୁଳ ଭାବେ ପ୍ରଭାବିତ କରିଥାଏ। ଏହି କାରଣରୁ ରାଜ୍ୟର ଯେଉଁ ପ୍ରମୁଖ ଅଞ୍ଚଳରେ ଧାନ ଚାଷ ହୋଇଥାଏ ସେଥି ମଧ୍ୟରୁ ଜଳେଶ୍ୱର ଅଞ୍ଚଳ ଅନ୍ୟତମ ଅଟେ।ଜଳେଶ୍ୱର କୃଷି ଜିଲ୍ଲାର ଚାଷୀ ବିଭିନ୍ନ ବିହନ ରେ ଧାନ ଚାଷ କରନ୍ତି। ସେଥି ମଧ୍ୟରୁ ସିଆର-୧୦୦୯ ସବ୍-୧, କଳା ଚମ୍ପା, ଏମଟିୟୁ ୧୦୦୧, ଏମଟିୟୁ ୧୦୭୫, ଏମଟିୟୁ ୧୦୪୦, ଏମଟିୟୁ ୧୨୬୨, ଏମଟିୟୁ ୭୦୨୯, ପୂଜା, ପ୍ରତୀକ୍ଷା, ସବ୍-୧, ଏମଟିୟୁ ୧୧୫୬ କିଷମ ଅନ୍ୟତମ।ଏହି ବିହନଗୁଡ଼ିକ ମଧ୍ୟରୁ ଉନ୍ନତ ଅମଳକ୍ଷମ ବିହନ ମଧ୍ୟ ରହିଛି। ଅଳ୍ପ ଜମିରେ ଅଧିକ ଅମଳ ହେବା ଲକ୍ଷ୍ୟରେ ପ୍ରଶାସନ ଓ ବିଭିନ୍ନ କମ୍ପାନୀ ପକ୍ଷରୁ ବିଭିନ୍ନ କିସମର ଧାନ ମଞ୍ଜି ଯୋଗାଇ ଦିଆଯାଉଛି। ଚଳିତବର୍ଷ ଚାଷୀଙ୍କୁ ବିଭିନ୍ନ କିସମର ମୋଟ ୧୦ ହଜାର କ୍ୱିଣ୍ଟାଲ ବିହନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ବିଭିନ୍ନ ବ୍ଲକର ୬୦ ଡିଲର, ୩୭ ଏସ୍‌ସିଏସ୍ ବା ପ୍ୟାକ୍ସକୁ ବିହନ ବଣ୍ଟନ କରିବାର ଦାୟିତ୍ୱ ଦିଆଯାଇଛି। ତଥ୍ୟ ମୁତାବକ ବାହାନଗା ବ୍ଲକରେ ୧୨ ଡିଲର୍, ବାଲିଆପାଳରେ ୬ ଡିଲର୍ ଓ ୨ ଏସ୍ ସି ଏସ୍, ବସ୍ତାରେ ୧୦ ଡିଲର, ଭୋଗରାଇରେ ୩ ଡିଲର, ଜଳେଶ୍ୱରରେ ୬ ଡିଲର, ଖଇରାରେ ୭ ଡିଲର୍, ରେମୁଣାରେ ୧୧ ଡିଲର, ବାଲେଶ୍ୱର ସଦରରେ ୮ ଡିଲର ଓ ୫ ଏସ୍ ସିଏସ୍, ସିମୁଳିଆରେ ୨ ଡିଲର, ସୋର ବ୍ଲକରେ ୬ ଡିଲର ଓ ୩ ଏସ୍‌ସିଏସ୍‌କୁ ଏହି ବିକ୍ରୟ ଦାୟିତ୍ୱ ଦିଆଯାଇଛି।

# ସିପିଆଇ ପକ୍ଷରୁ ସମୀକ୍ଷା ବୈଠକ




ନୀଳଗିରି, ୧୮।୬ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲାପରିଷଦ ବୈଠକ ନୀଳଗିରି ସ୍ଥିତ ବନମାଳୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ବିଗତ ବିଧାନସଭା ଓ ଲୋକସଭା ନିର୍ବାଚନ ସମ୍ପର୍କରେ ସମୀକ୍ଷା କରାଯାଇଥିବାବେଳେ ଆଗାମୀ ଦିନରେ ଦଳକୁ କିପରି ସୁଦୃଢ କରାଯାଇ ପାରିବ ସେ ସମ୍ପର୍କରେ କେନ୍ଦ୍ର କମିଟି ସଦସ୍ୟ ଆଶିଷ କାନୁନଗୋ ପରାମର୍ଶ ଦେଇଥିଲେ। ବାଲେଶ୍ୱରରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ସହରବାସୀ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ପ୍ରେସ୍ ଜରିଆରେ ଅନୁରୋଧ କରିଥିଲେ। ବର୍ଷୀୟାନ ସିପିଆଇ ନେତା କୈଳାଶ ପଣ୍ଡା ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇର ପୂର୍ବତନ ରାଜ୍ୟ ମହିଳା ସମ୍ପାଦିକା ପ୍ରଭାବତୀ ଦାସ, ମାୟାଧର ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମାସୁନ୍ଦର ଜେନା, ଯତୀନ ପାତ୍ର, ଦୟାନିଧି ଜେନା, ଜୋନ ସମ୍ପାଦକ ବିଜୟ କୁମାର ସ ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ରଖିଥିଲେ।

# ପୋଖରୀରେ ବୁଡ଼ି ମହିଳା ମୃତ

ଜଳେଶ୍ୱର ବ୍ଲକ, ୧୮।୬ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ଗୋପ ଗ୍ରାମରେ ପୋଖରୀରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗୋପ ଗ୍ରାମ ର ରାମ ଦେହୁରୀଙ୍କ ୪୫ ବର୍ଷର ଝିଅ ଗୌରୀ ଦୁହୁରୀ ଦିନ ବାରଟା ସମୟରେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ପୋଖରୀରୁ ଭାସମାନ ଅବସ୍ଥାରେ ଗୌରୀକୁ ଉଦ୍ଧାର କରାଯାଇ ଜଳେଶ୍ୱର ଜି.କେ.ଭଞ୍ଜ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ଟାଟା ପାୱାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହ କୃଷକ ସଂଗ୍ରାମ ମଞ୍ଚର ଆଲୋଚନା



ଜଳେଶ୍ୱର ବ୍ଲକ, ୧୮।୬ (ସମିସ): ଜଳେଶ୍ୱର କୃଷକ ସଂଗ୍ରାମ ମଞ୍ଚ ତରଫରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଜଳେଶ୍ୱର ଟି.ପି. ଡି.ଓ.ଏନ.ଏଲ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହିତ ପୂର୍ବାହ୍ନରେ ଟାଟା ପାୱାର କାର୍ଯ୍ୟାଳୟ କନଫରେନ୍ସ ହଲ ପରିସରରେ କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏଲ.ଆଇ. ପଏଣ୍ଟ ଗୁଡ଼ିକ ବନ୍ଦ ଥିବା ସମୟରେ ଅପର୍ଯ୍ୟାପ୍ତ ପରିମାଣରେ ବିଲ୍ ଲାଗିବା ଏବଂ ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ନ ଥିବା ସମୟରେ ରିଡିଙ୍ଗ ନେବା ଫଳରେ ଅଧିକରୁ ଅଧକ ବିଲ୍ ଲାଗୁଛି। କ'ଣ ପାଇଁ ଆଡିସନାଲ ସିକ୍ୟୁରିଟୀ ଡିପୋଜିଟ ଲିଫ୍ଟ ପଏଣ୍ଟ ମାଲିକ ଦେବେ ? ଆଜି ବି ବହୁ ଲିଫ୍ଟ ପଏଣ୍ଟ ରେ ମିଟର ଖଞ୍ଜା ଯାଇ ନାହିଁ ମାତ୍ର ସେମାନେ ସେହି ସର୍ବନିମ୍ନ ବିଦ୍ୟୁତ ଶୁଳ୍କ ଦେଉଛନ୍ତି କିନ୍ତୁ ଅନ୍ୟମାନଙ୍କ ଲିଫ୍ଟ ପଏଣ୍ଟରେ ମିଟର ରିଡିଙ୍ଗ ଠାରୁ ଅଧିକ ବିଲ୍ ସେମାନଙ୍କ ଠାରୁ ନିଆ ଯାଉଛି। କିନ୍ତୁ କ'ଣ ପାଇଁ ନିଆ ଯାଉଛି। ଏହି ସମସ୍ୟା ଗୁଡ଼ିକର ସମାଧାନ ପାଇଁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ତାଙ୍କର ଏକ ୧୫ ଜଣିଆ ପ୍ରତିନିଧି ଦଳ ଲିଫ୍ଟ ପଏଣ୍ଟ ଗୁଡ଼ିକର ମିଟର ବିଲ୍‌ଗୁଡ଼ିକ ଭୁଲ ଆସୁ ଥିବାରୁ ସେମାନେ ଫିଡର ଅନୁଯାୟୀ ଚେକ୍ ଅପ୍ କରି ନିଷ୍ପତ୍ତି ନିଆଯିବ ବୋଲି ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଟାଟା ପାୱାର କାର୍ଯ୍ୟ ନିର୍ବାହୀଯନ୍ତ୍ରୀଙ୍କ ସହ କୃଷକ ସଂଗ୍ରାମ ମଞ୍ଚ ପକ୍ଷରୁ ପଦ୍ମଲୋଚନ ବେହେରା, ଶ୍ରୀକଣ୍ଠ ମହାନ୍ତି, ବିଜୟ କୁମାର ଜେନା, ତ୍ରିଲୋଚନ ଦାସ, ସରୋଜ କୁମାର ମହାନ୍ତି, ରବୀନ୍ଦ୍ର ନାଥ ଜେନା, ରଜନୀକାନ୍ତ ଜେନା, ଶୁଭେନ୍ଦୁ ପାତ୍ର, ରାଜେନ୍ଦ୍ର ପ୍ରଧାନ, ଅଶୋକ କୁମାର ବେହେରା, ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ହାସିମପୁରରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲିଆପାଳ, ୧୮।୬(ସମିସ): ବାଲିଆପାଳ ବ୍ଲକ ହାସିମପୁରର ରଜ ପଡ଼ିଆଠାରେ ରଜ ମହୋତ୍ସବ ଅବସରରେ ସୁବର୍ଣ୍ଣରେଖା ଆଦିବାସୀ କ୍ଲବ୍ ଆନୁକୂଲ୍ୟରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଟୁଡୁ ବ୍ରଦର୍ସ ଜଳେଶ୍ୱରକୁ ହରାଇ ମୟୂରଭଞ୍ଜ ମୋରଡ଼ାର ଟୁଡୁ ଷ୍ଟାର କ୍ଲବ ଚାମ୍ପିଅନ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଦିବାସୀ ଭାଇଭଉଣୀମାନେ ନୃତ୍ୟର ତାଳେ ତାଳେ ମୁଖ୍ୟ ଅତିଥି ବିଧାୟିକା ଶ୍ରୀମତୀ ଜେନାଙ୍କୁ ପାଛୋଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ବେଣୁଧର ଜେନା, ନିଶାକର ସେଠୀ, ପୂର୍ବତନ ସଦସ୍ୟ ମନ୍ମଥ ବାରିକ, ଶିକ୍ଷକ ଦୋଳ ଗୋବିନ୍ଦ ମୁର୍ମୁ, ଗୋପାଳ ସାହୁ, ୱାର୍ଡମେମ୍ବର ଭଗବାନ ରାଉଳ, ଆଦିବାସୀ ନେତା କାଳିଚରଣ ସିଂ, ବନମାଳି ହେମ୍ବ୍ରମ୍, ଜଗନ୍ନାଥ ରାଉଳ, ସୌମ୍ୟଦୀପ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ଖେଳକୁ ବୁଦ୍ଧଦେବ ମୁର୍ମୁ, ସଞ୍ଜୟ ହାଁସଦା ପରିଚାଳନା କରିଥିଲେ। ସୁବର୍ଣ୍ଣରେଖା ଆଦିବାସୀ କ୍ଲବ୍‌ର ଦୋଳଗୋବିନ୍ଦ ମୁର୍ମୁ, ସୁରେନ୍ଦ୍ର ହେମ୍ବ୍ରମ୍, କାଳୀଚରଣ ସିଂ, ରାମ ହାଁସଦା, ଗୋପୀ ମାଝୀ, ରସାନନ୍ଦ ମୁର୍ମୁ, ସୁକୁଲୁ ଟୁଡୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତିର ହସ୍ତାନ୍ତର



ଚୌକି, ୧୮।୬(ସମିସ) : ଉତ୍ତର ପ୍ରଦେଶର ବାଣାରାସୀ ଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସୋମବାର ପିଏମ କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତିର ହସ୍ତାନ୍ତର କରିଥିଲେ। ଏହି କ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବରଗଡ଼ ଠାରେ ଏହି ଯୋଜନା ହସ୍ତାନ୍ତର କରିଛନ୍ତି। ତେଣୁ ଏହି କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇ ବା ପାଇଁ ଆଜି ଭୋଗରାଇ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା, ତହସିଲଦାର ହିମାଂଶୁ ଶେଖର ଗିରି, ଆରାର ଅଧକ୍ଷ ଦୀପକ କୁମାର ଦାସ, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳ, ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମଣ୍ଡଳ, ପଶୁ ଚିକିତ୍ସା ଅଧିକାରୀ ଡା ଚିନ୍ମୟ ସାହୁ, ଜିଲ୍ଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, କବିତା ମହାନ୍ତି, କୁମ୍ଭାରମୁଳି ପଞ୍ଚାୟତ ସଦସ୍ୟ ଆଶିଷ ପାତ୍ର ସମାଜସେବୀ ଅଂଶୁମାନ ମହାନ୍ତି, ସଞ୍ଜୀବ ସାହୁ, ଅମଳେନ୍ଦୁ ଶେଖର ଦାସ, ଦିଲ୍ଲୀପ କମିଳା, ଅଶୋକ ଦାସ, ରାଜକୁମାର ଦାସ, ସୁନୀଲ କର, ରାଧାକାନ୍ତ ପ୍ରଧାନ, ସଦସ୍ୟ ତରଣିକାନ୍ତ ସେନାପତି, ସୁବାସ ଚାନ୍ଦଙ୍କ ସହିତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଏବଂ ଶତାଧିକ ହିତାଧିକାରୀ ଯୋଗ ଦେଇଥିଲେ। ୧୭ତମ କିସ୍ତିରେ ଦେଶର ୯.୨୬ କୋଟି ଚାଷୀଙ୍କୁ ୨୦ହଜାର କୋଟିର ସହାୟତା ବଣ୍ଟନ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ଏହି ବଣ୍ଟନ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ଲକର ସମସ୍ତ ପଞ୍ଚାୟତ ସ୍ତରରେ ମଧ୍ୟ ପ୍ରଶାସନ ପକ୍ଷରୁ ସଭା ଆୟୋଜନ କରି ଜନ ସାଧାରଣ ଙ୍କୁ ଅବଗତ କରାଯାଇଛି।

# କୃତୀ ଛାତ୍ରୀ ଓ ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନୀଳଗିରି, ୧୮।୬(ସମିସ): ନୂତନ ବିଦ୍ୟାର୍ଥୀ ମାନଙ୍କୁ ସ୍ୱାଗତ କରାଯିବା ସହିତ ଚଳିତ ମେଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା କୃତୀ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ପରିପ୍ରେକ୍ଷୀରେ ନୀଳଗିରି ଉପଖଣ୍ଡ ତରତରୀ ବାଳିକା ବିଦ୍ୟା ନିକେତନ ପରିସରରେ ଆଜି ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ ଘଟିକା ସମୟରେ ସାଂସଦ ଓ ବିଧାୟକ ପହଞ୍ଚିବା କ୍ଷଣି ବିଦ୍ୟାଳୟ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସାଂସଦ ଆଞ୍ଚିତ୍ରସ୍ଥଳୀ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ତାଙ୍କ ସହିତ ବିଧାୟକ ସନ୍ତୋଷ ଖଟୁଆ ଉପସ୍ଥିତ ଥିଲେ। ପରେ ଏକ ସଭା କାର୍ଯ୍ୟ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋଜ କୁମାର ସି ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ଉକ୍ତ ବିଦ୍ୟାପୀଠରେ ଚଳିତ ବର୍ଷ ନୂତନ ଭାବେ ଶହେ ଜଣ ଛାତ୍ରଛାତ୍ରୀ ନାମ ଲେଖା କରିଥିବା ବେଳେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଚଳିତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀ କୁମାରୀ ଜ୍ୟୋତି ସୁନିତା ବେହେରାଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ଉଭୟ ସାଂସଦ ଓ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ପ୍ରଧାନ ଶିକ୍ଷକ ବିକାଶ ରଞ୍ଜନ ଜେନା ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଇତିଶ୍ରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନ୍ୟୁଜ ୭ର ନୀଳଗିରି ବ୍ଲକ ପ୍ରତିନିଧି ବ୍ରଜକିଶୋର ପାଣି ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଅଭିଭାବିକା, ଅଧ୍ୟୟନରତ ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଭାପତି ନନ୍ଦ କିଶୋର ବେହେରା, ଦାତ୍ତା ସଭ୍ୟ ମହେନ୍ଦ୍ର ବେହେରା ଏବଂ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ସର୍ବଶେଷରେ ସହକାରୀ ଶିକ୍ଷକ ଗୌରୀଶଙ୍କର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ନୀଳଗିରି, ୧୮।୬ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧୀନ ଦକ୍ଷିଣନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ସାମରାୟପୁର ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ରାଉତଙ୍କ ପୁଅ ବାୟା ଓରଫ ମୁକ୍ତିକାନ୍ତ ରାଉତ(୩୫) ଗତ ସୋମବାର ବିଳମ୍ବିତ ରାତିରେ ନିଜ ଘର ପଙ୍ଖାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗତ କିଛିଦିନ ପୂର୍ବରୁ ବାୟା ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଯୋଗୁଁ ସ୍ତ୍ରୀ ନିଜର ଦୁଇ ପୁଅଙ୍କ ସହିତ ବାପଘରକୁ ପଳାଇ ଯାଇଥିବା ବେଳେ ବାୟା ଘରେ ଏକୁଟିଆ ରହୁଥିଲେ। ମାନସିକ ଭାରସାମ୍ୟ ହରାଇ ଏଭଳି କରିଥାଇ ପାରନ୍ତି ବୋଲି କୁହାଯାଉଛି। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହିତ ନୀଳଗିରି ମେଡିକାଲକୁ ଆଣି ବ୍ୟବଚ୍ଛେଦ କରିବା ପରେ ଗ୍ରାମ ଶ୍ମଶାନରେ ଦାହ ସଂସ୍କାର କରାଯାଇଛି। ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।









## ମା’ ଭଗବତୀଙ୍କ ପୂଜା ଉତ୍ସବ



ଜଳେଶ୍ୱର ବ୍ଲକ, ୧୮।୬ (ସମିସ): ମ୍ୟୁନିସିପାଲିଟି ଅନ୍ତର୍ଗତ ସିଦ୍ଧେଶ୍ୱର କ୍ଲବ ଶାସନବାର୍ଡ ପରିସରରେ ପ୍ରତିବର୍ଷ ପରି ଆଜକୁ ୧୨ ବର୍ଷ ଧରି ମା’ ଭଗବତୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇ ଆସୁଛି। କ୍ଲବ ଯୁବକ ମାନଙ୍କ ସହ ଗ୍ରାମବାସୀଙ୍କ ମିଳିତ ଆର୍ଥିକ ସହାୟତାରେ ଦୁଇ ଦିନିଆ ରଜ ଉତ୍ସବ ଓ ମା’ ଭଗବତୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇ ଯାଇଛି। ରଜ ପର୍ବ ପାଳନର କରିବା ସହିତ ଦିନରେ ମହା ଆନନ୍ଦରେ ପ୍ରସାଦ ସେବନ ହୋଇଥିଲା। ଏଥିରେ ଗ୍ରାମ ଓ ଗ୍ରାମ ବାହାରୁ ବହୁ ବିଶିଷ୍ଟ ଅତିଥି ମାନେ ଯୋଗଦାନ କରିଥିଲେ। ସଭାପତି ତଥା ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ, ସମ୍ପାଦକ ସଞ୍ଜୟ କୁମାର ବେରା, ଜୟନ୍ତ କୁମାର ବେରା, ସଂଗ୍ରାମ ପଟ୍ଟନାୟକ, ହେମନ୍ତ କୁମାର ବେରା, ବିଶ୍ୱନାଥ ସାହୁ, ସଞ୍ଜୟ ଦାସ, ଧରମା ସାହୁ, ବରେନ୍ଦ୍ର ଦାସ, ଅଶ୍ୱିନୀ କର, ହରିଶଙ୍କର ପଣ୍ଡା, ଖକନ ଦେବନାଥ, ବାଦଲ ଦେବନାଥ, ତାରାକାନ୍ତ କର, ରାଜୁ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବରେ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହର ପ୍ରାଣ ପ୍ରତିଷ୍ଠାତା ତଥା ଓଷ୍ଟା ଜଳେଶ୍ୱରର ସମ୍ପାଦକ ଡକ୍ଟର ଅଜିତ କୁମାର ମହାନ୍ତି, ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହ ଜଳେଶ୍ୱରର ସମ୍ପାଦିକା ମଧୁଛନ୍ଦା ମହାନ୍ତି, ବରିଷ୍ଠ ସମାଜସେବୀ ଦୁର୍ଜୟ କୁମାର ପାଣିଗ୍ରାହୀ, ଗ୍ରାମର ମୁଖ୍ୟ ଡ. ଅରୁଣ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦାନ କରିଥିଲେ।

### ବ୍ଲକସ୍ତରୀୟ ବିପର୍ଯ୍ୟୟ ମୁକାବିଲା ଓ ପ୍ରସ୍ତୁତି ମକ୍‌ଡ୍ରିଲ ସମ୍ପର୍କିତ ପ୍ରସ୍ତୁତି ବୈଠକ

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

ବାଲେଶ୍ୱର(ଉତ୍ତର), ୧୮।୬(ସମିସ) :



ପ୍ରତିବର୍ଷ ଭଳି ଚଳିତ ବର୍ଷ ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ଓ ପ୍ରସ୍ତୁତି ସମ୍ପର୍କୀୟ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଏକ ପ୍ରସ୍ତୁତି ବୈଠକ ସହିତ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବିଡିଓ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ସୁଦୀପ୍ତ ରାଉତ, ଭୋଗରାଇ ଅଗ୍ନିଶମ ବିଭାଗ ଅଧିକାରୀ ପଞ୍ଚାନନ ସୋରେନ, ନୋଡାଲ ଏନଜିଓ ପ୍ରତିନିଧି ବିଶ୍ୱମ୍ବର ଦାସ, ଅଞ୍ଜନ କୁମାର ଚାନ୍ଦ, ବିଦ୍ୟୁତ ବିଭାଗ ଏସଡିଓ କାନ୍ତି ଭୂଷଣ ଜେନା ପ୍ରମୁଖ ଯୋଗ ଦେଇ ଜୁନ ମାସ ୧୫ ତାରିଖରୁ ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ବନ୍ୟା, ବାତ୍ୟା, ସୁନାମୀ ଭଳି ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ କୁ ମୁକାବିଲା କରିବା ସହିତ ଏହାର କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ଯୋଜନା ଓ ପ୍ରସ୍ତୁତିର ଆବଶ୍ୟକତା ଥିବା ବେଳେ ରାଜ୍ୟ ସରକାରଙ୍କ ଓ ଏସ ଡି ଏମ ଏ (ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ) ପକ୍ଷରୁ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ସହିତ ବିପର୍ଯ୍ୟୟ ମୁକାବିଲା କୌଶଳ ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବିପର୍ଯ୍ୟୟ ଆରମ୍ଭ ବେଳେ ସମସ୍ତ ଆଶ୍ରୟ ସ୍ଥଳୀ ଅନ୍ତର୍ଗତ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ମୁକାବିଲା ସମ୍ପର୍କିତ ମକଡ୍ରିଲ ହୋଇଥାଏ। ତେଣୁ ଭୋଗରାଇ ବ୍ଲକରେ ଥିବା ୨୨ଟି ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ତଥା ୪ ରେଡ଼କ୍ରସ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହେବାକୁ ଥିବା ମକଡ୍ରିଲ ସମ୍ପର୍କରେ ଏହି ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି ଆର ଏସ, ନିର୍ବାଚିତ ପ୍ରତିନିଧି ତଥା ସରକାରଙ୍କ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଏହାକୁ ସଫଳ କରିବାକୁ ବୈଠକରେ ଆଲୋଚନା ହୋଇଥିଲା।

# ଶାଢ଼ି କିଣିବାକୁ ନେଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ବିବାଦ

ଚୌକି, ୧୮।୬(ସମିସ):




ସାରା ରାଜ୍ୟରେ ନିର୍ବାଚନ ଆଗରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଶାଢ଼ୀ କିଣିବା ପାଇଁ ସରକାର ଏକ ହଜାର ଟଙ୍କା ବ୍ୟାଙ୍କ ଖାତାକୁ ପଠାଇଥିଲେ। ସେହି ଟଙ୍କାରେ ଶାଢ଼ୀ କିଣିବାକୁ ନେଇ ଭୋଗରାଇ ବ୍ଲକ ଅନ୍ତର୍ଗତ ରସଲପୁର ପଞ୍ଚାୟତରେ ଥିବା ବାବା ଭୂଷଣ୍ଡେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହିତ ପଞ୍ଚାୟତ ନାରୀ ସଂଘର ସମ୍ପାଦକ ତଥା ୱାର୍ଡସଭ୍ୟାଙ୍କ ବିରୁଦ୍ଧରେ ବିବାଦ ଲାଗିଥିବା ଜଣାପଡ଼ିଛି। ଏ ନେଇ ଆଜି ମହିଳାମାନେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ାଙ୍କୁ ଦାବିପତ୍ର ଦେଇ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଏହି ପଞ୍ଚାୟତର ଗୀତାଞ୍ଜଳୀ ମଣ୍ଡଳ, ତିଲୋତ୍ତମା ମଣ୍ଡଳ ଗୌରୀବାଲା ଦାସ, ଗୀତାରାଣୀ ଦାସ, ସ୍ୱର୍ଣ୍ଣ ଲତା ଦାସ, ଗୀତାରାଣୀ ଦେ, ଭାରତୀ ବାରିକ, ରେବତୀ ଦେ, ସୁମତୀ ବାରିକ, ସନ୍ଧ୍ୟା ରାଣୀ କାମିଲା, ଜ୍ୟୋସ୍ନା ରାଣୀ ମିଶ୍ର ବାବା ଭୂଷଣ୍ଡେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଅଟନ୍ତି। ରାଜ୍ୟ ସରକାର କିଛିଦିନ ପୂର୍ବରୁ ମହିଳା ମାନଙ୍କୁ ଶାଢ଼ୀ କିଣିବାପାଇଁ ଗୋଷ୍ଠୀର ବ୍ୟାଙ୍କ ଜମା ଖାତା ମାଧ୍ୟମରେ ଜଣକ ପିଛା ୧ହଜାର ଟଙ୍କା ସହାୟତା ରାଶି ଦେଇଥିଲେ। ମାତ୍ର ସ୍ଥାନୀୟ ୱାର୍ଡସଭ୍ୟା ତଥା ପଞ୍ଚାୟତର ନାରୀ ସଂଘର ସମ୍ପାଦିକା ଶାଢ଼ୀ ଆଣିଦେବେ ବୋଲି ଗୋଷ୍ଠୀର ସଦସ୍ୟା ମାନଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ଏହି ଗୋଷ୍ଠୀର ମହିଳାମାନେ କହିଥିଲେ ଯେ ଆମ୍ଭେ ଟଙ୍କା ଦେବୁ ନାହିଁ। ଆମ୍ଭେ ନିଜେ ଶାଢ଼ୀ କିଣି ଆଣିବୁ।ଏହି କଥାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ନାରୀ ସଂଘର ସମ୍ପାଦିକା ରାଗିଯାଇ ଏହି ସ୍ୱୟଂ ସହାୟକ ଗୋଷ୍ଠୀକୁ ପଞ୍ଚାୟତ ସ୍ତରୀୟ ନାରୀ ସଂଘରୁ ବାହାର କରିଦେଇଥିଲେ। ତେଣୁ ମହିଳାମାନେ ସଂଘର ସମ୍ପାଦିକାଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ପ୍ରତିବାଦ କରିବା ସହ ନ୍ୟାୟ ପାଇବା ପାଇଁ ଆଜି ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପରିଡ଼ା ମହିଳାମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହ କହିଥିଲେ ଯେ ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ବସ୍‌ଷ୍ଟାଣ୍ଡରେ ଦୁର୍ଘଟଣା, କଣ୍ଡକ୍ଟର ଗୁରୁତର

ବାଲେଶ୍ୱର, ୧୮।୬(ସମିସ) : ଗୋଷ୍ଠୀ ସଂଘର୍ଷକୁ କେନ୍ଦ୍ରକରି ବାଲେଶ୍ୱର ସହରରେ କର୍ଫ୍ୟୁ ଜାରି ରହିଥିଲାବେଳେ ମଙ୍ଗଳବାର ପୂର୍ବାହ୍ନରେ ସହଦେବଖୁଣ୍ଟା ବସ ଷ୍ଟାଣ୍ଡ ଭିତରେ ଦୁର୍ଘଟଣା ଘଟି ରାଜା ବସର କଣ୍ଡକ୍ଟର ଗୁରୁତର ଆହତ ହେଇଛନ୍ତି। ବାରିପଦାରୁ ବାଲେଶ୍ୱର ଚାଲିଥିବା ଓଡ଼ି-୧୧-ଜେଡ଼୬୭୮୯ ନମ୍ବର ବିଶିଷ୍ଟ ରାଜା ବସ୍ ମଙ୍ଗଳବାର ପୂର୍ବାହ୍ନରେ ବାଲେଶ୍ୱର ସହଦେବଖୁଣ୍ଟା ବସଷ୍ଟାଣ୍ଡ ଭିତରକୁ ଯାଉଥିଲା। ଏହି ବସ୍‌ର କଣ୍ଡକ୍ଟର ଟୁଲା ବାବୁ ବସରୁ ଓହ୍ଲାଇ ପ୍ରବେଶ ଦ୍ୱାର ନିକଟରେ ଛିଡା ହେଇଥିଲେ। ମାତ୍ର ବସ ଷ୍ଟାଣ୍ଡ ପ୍ରବେଶ ଦ୍ୱାରର ଉଚ୍ଚାଣିଆକୁ ଉଠୁଥିବା ରାଜା ବସ ହଠାତ ପଛକୁ ଗଡ଼ି ଆସି କଣ୍ଡକ୍ଟର ଟୁଲାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ କଣ୍ଡକ୍ଟର ପଡ଼ିଯାଇ ଥିଲେ। ତାଙ୍କ ଛାତିରେ ଜୋରଦାର ଆଘାତ ଲାଗି ଥିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ବସ ମାଲିକ ସଂଘ ପକ୍ଷରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇ ଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟଗତ ଅବସ୍ଥା ଖରାପ ହେବା ଯୋଗୁ ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଗାଁରେ ବିଲୁଆ ଆତଙ୍କ



ଚୌକି, ୧୮।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ରାଉତମନ୍ଦାରୁଣି ଗ୍ରାମରେ ବିଲୁଆ ଆତଙ୍କ ଦେଖିବାକୁ ମିଳିଛି। ଗତକାଲି ରାତିରେ ଶୋଇଥିବା ଅବସ୍ଥାରେ ପ୍ରଥମେ ରଞ୍ଜନ ଦାସ କାମୁଡ଼ିବା ସହ ଦୁଇଟି ଗାଇକୁ ମଧ କାମୁଡ଼ି ନେଇ ଗ୍ରାମବାସୀ ସୂଚନା ଦେଇଛନ୍ତି। ଆଜି ଭୋର ୫ଟା ସମୟରେ ବିଜୟ ଦାସ ଘର ବାଡ଼ିରେ ଛିଡ଼ା ହୋଇଥିବା ସମୟରେ ବାମ ହାତକୁ କାମୁଡ଼ି ସହ ବିଜୟ ଜେନା ଫୁଲ ତୋଳୁଥିବା ସମୟରେ ତାଙ୍କ ବାମ ପାଦକୁ କାମୁଡ଼ିଥିବା ଦେଖିବାକୁ ମିଳିଛି। ବିଲୁଆ ଭୟରେ ଘରୁ ବାହାରକୁ ବାହାରିଲେ ଭୟରେ ହାତରେ ଗୋଟିଏ ଗୋଟିଏ ବାଡ଼ି ଧରି ବାହାରକୁ ବାହାରୁଛନ୍ତି। ବନବିଭାଗ ଉକ୍ତ ବିଲୁଆକୁ ଧରି ଅନ୍ୟତ୍ର ଛାଡ଼ିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ଶୋକସଭା



ଜଳେଶ୍ୱର ବ୍ଲକ, ୧୮।୬ (ସମିସ): ଶିକ୍ଷକ କର୍ମ ହିଁ ସବୁଠାରୁ ପୂଜ୍ୟ ବୋଲି ମନୁଷ୍ୟ ସମାଜ ଅବଗତ। ଠିକ୍ ସେହି ବ୍ରତକୁ ପାଳନ କରିଥିଲେ ଦିବଂଗତ ପ୍ରାକ୍ତନ ଶିକ୍ଷକ କୁମୁଦ ସାର। ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଅଲାଲପୁର ଗ୍ରାମର ପିତା ସ୍ୱର୍ଗତ କୈଳାସ ଚନ୍ଦ୍ର ଭୂୟାଁ ଓ ମାତା ସ୍ୱର୍ଗତା ଉର୍ମିଳା ଭୂୟାଁଙ୍କ ଗର୍ଭ ରୁ ୧୯୬୧ ମସିହା ମାର୍ଚ୍ଚ ମାସ ୨ ତାରିଖ କୁମୁଦକାନ୍ତ ଭୂୟାଁ ଜନ୍ମ ଗ୍ରହଣ କରିଥିଲେ। ସେ ଶିକ୍ଷାରେ ଏମଏ ଓ ବିଏଡ ପାସ କରି ଶିକ୍ଷକତା କରିଥିଲେ। ସେ ଜଣେ ସଚ୍ଚୋଟ, ନିଷ୍ଠାପର, ଜ୍ଞାନୀ ଓ ଧର୍ମାବଲମ୍ବୀ ମଣିଷ ଥିଲେ। ଦୀର୍ଘ ଦିନ ଧରି ଶିକ୍ଷକତା କରି ନାମ୍ପୋ ସେକ୍ଟର ରେ ସିଆରସିସି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା କରିଥିଲେ। ପରେ ଇକିଡ଼ା ନୋଡାଲ ସ୍କୁଲ ରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ ତୁଲାଇଥିଲେ।୨୦୨୧ ମସିହାରେ ଶିକ୍ଷକତା ଜୀବନରୁ ଅବସର ନେଇଥିଲେ। ଗତ ୭/୬/୨୪ ରେ ତାଙ୍କର ହଠାତ୍ ବିୟୋଗ ହୋଇଥିଲା। ତାଙ୍କ ମୃତ୍ୟୁରେ ଶିକ୍ଷକ ସଂଘ ପକ୍ଷରୁ ଏକାଦଶାହ କ୍ରିୟାରେ ଏକ ସ୍ମୃତି ଚାରଣ ସଭା ଆୟୋଜନ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଖଗେନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କପିଳେଶ୍ୱର ମହାନ୍ତି ଉପସ୍ଥିତ ହୋଇ ଦିବଂଗତ ଭୂୟାଁଙ୍କ ଚାକିରି ଜୀବନର ଘଟଣାବଳୀ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭାଗବତ ଚନ୍ଦ୍ର ପରିଡ଼ା, ଗଣେଶ ଚନ୍ଦ୍ର ପରିଡ଼ା, ଗଣେଶ ଚନ୍ଦ୍ର ପାଳ, ଅଜୟ କୁମାର ଜେନା, ବିଭୂତି ଭୂଷଣ ବ୍ରହ୍ମ, ଗଦାଧର ମଣ୍ଡଳ, ପ୍ରତାପ ଚନ୍ଦ୍ର ଜେନା, ଭଜହରି ପାତ୍ର, ସୁଶାନ୍ତ କୁମାର ପରିଡ଼ା ଓ ସବିତା ପାଠୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ, ଅଲାଲପୁର ଭାଗବତ ଟୁଙ୍ଗି ର ସମସ୍ତ ସଦସ୍ୟ ସଦସ୍ୟା ଙ୍କ ସହ ତାଙ୍କର ପୁତ୍ର ବାବୁ, ରଶ୍ମି, ଆବୁ ଏବଂ ଗ୍ରାମବାସୀ ବନ୍ଧୁ ବାନ୍ଧବ ସ୍ୱର୍ଗତ ଭୂୟାଁଙ୍କ ଗୁଣ ଗାରିମା ବଖାଣି ଥିଲେ। ଶିକ୍ଷୟତ୍ରୀ ସବିତା ପାଠୀ ତାଙ୍କର ସ୍ୱରଚିତ କବିତା ପାଠ କରିଥିଲେ।

## ତାଳ କୁରୁଣିଆ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପ୍ରସ୍ତୁତି ବୈଠକ



ବାହାନଗା, ୧୮।୬(ସମିସ): ବାଲେଶ୍ୱରଜିଲ୍ଲା ବାହାନଗା ବ୍ଲକ ତାଳକୁରୁଣିଆ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆଗାମୀ ରଥଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକ ଟ୍ରଷ୍ଟି ଲକ୍ଷ୍ମଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ବାହାନଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ସେଠୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ରିତାଲି ବେହେରା, ପ୍ରୀତିମୟୀ ବାରିକଙ୍କ ସହ ମନ୍ଦିର କମିଟିର ସଦସ୍ୟ, ଗ୍ରାମବାସୀ, ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ। ବୈଠକରେ ରଥ ନିର୍ମାଣ, ସ୍ନାନ ପୂର୍ଣ୍ଣିମା, ଅଣସର ନୀତି, ନବ ଯୌବନ ଦର୍ଶନ, ରଥଯାତ୍ରା, ବାହୁଡା ଯାତ୍ରା ସମ୍ପର୍କରେ ଆଲୋଚନା ହୋଇଥିଲା। ବାହାନଗା ବ୍ଲକର ସର୍ବ ପୁରାତନ ରଥଯାତ୍ରା ଭାବେ ପରିଚିତ ତାଳ କୁରୁଣିଆ ରଥଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାରୁ ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଶେଷ ଭାବେ ଆଲୋଚନା ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ଏବଂ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଭକ୍ତ କିଭଳି ଦର୍ଶନ କରି ପାରିବେ ବୈଠକରେ ଆଲୋଚନା କରିଥିଲେ। ଶେଷରେ କିଶୋର ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ପାଣି ସମସ୍ୟା ନେଇ ବିଧାୟକଙ୍କୁ ଦାବିପତ୍ର

ନୀଳଗିରି, ୧୮।୬(ସମିସ): ଗ୍ରାମରେ ପାଣି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନୀଳଗିରି ବ୍ଲକ ବଣ ପାହାଡ଼ ଘେରା କିଶୋରଚନ୍ଦ୍ରପୁର ପଞ୍ଚାୟତ ରାଉଦିଆ ଗ୍ରାମରେ ବର୍ଷ ବର୍ଷ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ଲୋକମାନେ ପୋଖରୀ ଓ କେନାଲ ପାଣି ପିଇବାକୁ ବାଧ ହେଉଥିବା ବେଳେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପୂର୍ବରୁ ନଳକୂପ ଖୋଳିବାକୁ ଦାବି କରିଥିଲେ ମଧ ସୁଫଳ ମିଳିନାହିଁ। ଆଜି ଗ୍ରାମର କିଛି ଗ୍ରାମବାସୀ ବିଧାୟକ ଶ୍ରୀ ଖଟୁଆଙ୍କୁ ଭେଟି ଏକ ନଳକୂପ ଖୋଳିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବଶୀଘ୍ର ଆଶୁ ସମାଧାନ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।



# ଆର୍ଟ ଅଫ୍ ଗିଭିଂର ୧୧ତମ ବାର୍ଷିକ ଉତ୍ସବ

ଜଳେଶ୍ୱର ବ୍ଲକ, ୧୮।୬ (ସମିସ):




ଡ. ଅଚ୍ୟୁତ ସାମନ୍ତଙ୍କ ଦେବାରେ ଆନନ୍ଦ କାର୍ଯ୍ୟକ୍ରମ ଆଜି ସମଗ୍ର ବିଶ୍ୱର ୧୨୦ ଦେଶରେ ତଥା ୨୫୦୦୦ ସ୍ଥାନରେ ପାଳିତ ହେଉଛି। ଓଡ଼ିଶାର ୩୦ ଟି ଜିଲ୍ଲା ସହିତ ରାଉରକେଲା ଓ ଜଳେଶ୍ୱରରେ ମଧ୍ୟ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ସୋମବାର ସକାଳେ ଅନୁଷ୍ଠିତ ହୋଇଛି ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆ ଯାଇଛି। ଜଳେଶ୍ୱର ଶ୍ରୀ ଜଗନ୍ନାଥ ମାଉସୀ ମା’ ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଭୋଗରାଇର ନବ ନିର୍ବାଚିତ ବିଧାୟକ ତଥା ଆର୍ଟ ଅଫ ଗିଭିଂରେ ବିଶ୍ୱାସ ରଖିଥିବା ଗୌତମବୁଦ୍ଧ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦଘାଟକ ଭାବେ ଶ୍ରୀ ଦାସ ଯୋଗଦେଇ କିଟ୍ସ, କିମ୍ସ ଓ କିସ୍ ର କାର୍ଯ୍ୟକ୍ରମ ର ଅବତାରଣା କରି ମଣିଷର ଆବେଗକୁ ଡ. ସାମନ୍ତ ବୁଝି ପାରି ଥିବାରୁ ସାଧାରଣ ଭାବେ ବଞ୍ଚୁଥିବା ସେ ଅସାଧାରଣ ବ୍ୟକ୍ତିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆର୍ଟ ଅଫ ଗିଭିଂ ଜଳେଶ୍ୱର ଶାଖାର ସଭାପତି ସିଦ୍ଧାର୍ଥ ଶଙ୍କର ପାଳ ଅଧ୍ୟକ୍ଷତା କରି ତାଙ୍କ ଅନୁଷ୍ଠାନରେ ୩୫ ହଜାର ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ଶିକ୍ଷାଦାନ ଦେଇ ଏକ ଇତିହାସ ସୃଷ୍ଟି କରି ଥିବାର କହିଥିଲେ। ଆର୍ଟ ଅଫ ଗିଭିଂ ବାଲେଶ୍ୱର ଜିଲ୍ଲା ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ଅନିଲ କୁମାର ପରିଡ଼ା ଦେବାରେ ଆନନ୍ଦକୁ ସେ ବିଶ୍ୱରେ ଏକ ଅଭିନ୍ନ ଚିନ୍ତା ଚେତନାକୁ ସୃଷ୍ଟି କରି ଅନ୍ୟ ଠାରେ ଉଦାହରଣ ପାଲଟିଛନ୍ତି ବୋଲି କହିଥିଲେ। ଆର୍ଟ ଅଫ ଗିଭିଙ୍ଗ ର ଜଳେଶ୍ୱର ଶାଖା ଉପଦେଷ୍ଟା ତଥା ବାର୍ ସଭାପତି କୁଞ୍ଜ ବିହାରୀ ଦାସ, ସମ୍ପାଦକ ଗିରିଜା ଶଙ୍କର ଦାସ, ସାମ୍ବାଦିକ ଅବନୀ କୁମାର ଚାନ୍ଦ, ରବୀନ୍ଦ୍ର ନାଥ ସେନାପତି ଓ ସତ୍ୟବ୍ରତ ପ୍ରଧାନ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ସୁରଜ କୁମାର ଚୌରାସିଆ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦାସ, ସଦସ୍ୟ ଅମରେନ୍ଦ୍ର ଦାସ, ନିଗମ ବ୍ରହ୍ମ, କ୍ଷିତିଶ୍ ଚନ୍ଦ୍ର ଘୋଷ, କରୁଣାକର ଭୂୟାଁ, ସୁଶାନ୍ତ କୁମାର ଦାସ, ଅନନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ, ସୁଧୀର ମହାପାତ୍ର, ଅମୂଲ୍ୟ ପାତ୍ର, ସତ୍ୟଜିତ ଦାସ, ବ୍ରଜ ମୋହନ ଗିରି, ଆଶିଷ ଦତ୍ତ, ଶଙ୍କର ରାମ, ନିଖିଲ କୁମାର ନନ୍ଦ, ଅର୍ଚ୍ଚନା ଗିରି, ସମରେନ୍ଦ୍ର ଦାସ, ମଳୟ ମହାନ୍ତି ଓ ଅମର ବେହେରା ପ୍ରମୁଖ ଆର୍ଟ ଅଫ ଗିଭିଙ୍ଗ ର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ସେହିଭଳି ଜଳେଶ୍ୱର ଅଞ୍ଚଳରେ ପ୍ରାୟ ୧୨ ଟି ସ୍ଥାନରେ ଆର୍ଟ ଅଫ ଗିଭିଂର ସଚେତନତା କାର୍ଯ୍ୟକ୍ରମ କରିବା ପରେ ସନ୍ଧ୍ୟାରେ ଜଳେଶ୍ୱର ପୁରୁଣା କୋର୍ଟ ଠାରେ ସଭାପତି ସିଦ୍ଧାର୍ଥ ଶଙ୍କର ପାଳଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଜିଲ୍ଲା ସଂଯୋଜକ ଅନୀଲ କୁମାର ପରିଡ଼ା, ବରିଷ୍ଠ ଆଇନଜୀବୀ ଚିନ୍ମୟ କୁମାର ଦାସ, ନଗରପାଳ ପ୍ରତୀପ କୁମାର ପ୍ରଧାନ, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ଜଳେଶ୍ୱର ବାର୍ ସଭାପତି କୁଞ୍ଜ ବିହାରୀ ଦାସ, ସୁରଜ୍ କୁମାର ଚୌରାଶିଆ ଓ ବନଜା ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଗିରିଜା ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନବେଳେ ଲୁଚିଗଲା ଉଦଳାର ମୁଖ୍ୟ ପ୍ରସଙ୍ଗ

# ପୌର ମାନ୍ୟତା ଓ ରେଳସେବା ମିଳିବ କେବେ

ଉଦଳା, ୧୮।୬(ସମିସ): ନିର୍ବାଚନ ଶେଷହୋଇଯାଇଛି। ରାଜ୍ୟରେ ବିଜେପି ସରକାର ଗଠନ ହୋଇଛି। ତେବେ ଉଭୟ ଦଳ ଓଡ଼ିଶାର ବିକାଶକୁ ଆଗକୁ ନେବାର ପ୍ରତିଶ୍ରୁତି ଦେଇ ନିର୍ବାଚନ ଲଢିଥିଲେ। ବିଜେଡି ନବୀନବାବୁ ଓ



ଓଡ଼ିଶାର ବିକାଶକୁ ନିର୍ବାଚନୀ ପ୍ରସଙ୍ଗ କରିଥିବା ବେଳେ ବିଜେପି ପରିବର୍ତ୍ତନ, ଡବଲ୍ ଇଞ୍ଜିନ, ଓଡିଆ ଅସ୍ମିତା ଆଦି ପ୍ରସଙ୍ଗକୁ ନେଇ ନିର୍ବାଚନୀ ବୈତରଣୀ ପାର ହୋଇଛି। ମୟୂରଭଞ୍ଜ ଜିଲ୍ଲାର ୯ଟିଯାକ ଆସନ ଏବଂ ଲୋକସଭା ବିଜେପି ହାତେଇଛି। ତେବେ ନିର୍ବାଚନରେ ରାଜ୍ୟ ଓ କେନ୍ଦ୍ରୀୟ ନେତାଙ୍କ ନିର୍ବାଚନୀ ପ୍ରସଙ୍ଗ ଏହି ଅଞ୍ଚଳରେ ଲୁଚିଯାଇଛି। ଏପରିକି ସ୍ଥାନୀୟ ଅଞ୍ଚଳର ବାସ୍ତବ ପ୍ରସଙ୍ଗ ଆଦୌ ନିର୍ବାଚନରେ ଆଲୋଚନା ବି ହୋଇନଥିଲା। ଏହାର ପ୍ରାସଙ୍ଗିକତା ଦେଖିବାକୁ ମିଳିଥିଲା ଉଦଳା ନିର୍ବାଚନ ମଣ୍ଡଳୀରେ। ଜିଲ୍ଲାର ସବୁଠାରୁ ଉଦଳା ବିଧାନସଭା କ୍ଷେତ୍ର ଅବହେଳିତ। ଅଞ୍ଚଳର ବହୁ ପ୍ରସଙ୍ଗ ଏଥର ନିର୍ବାଚନୀ ପ୍ରସଙ୍ଗ ହେବ ବୋଲି ଭୋଟର ମହଲରେ ପୂର୍ବରୁ ଆଲୋଚନା

### ■ ନିର୍ବାଚନମଣ୍ଡଳୀର ମୌଳିକ ଦାବି ଉଠାଇବ କିଏ

ଜୋର ଧରିଥିଲା; କିନ୍ତୁ ରାଜନୈତିକ ନେତାଙ୍କ ନାରା ତଳେ ଚାପି ହୋଇଯାଇଥିଲା ବାସ୍ତବ ପ୍ରସଙ୍ଗ। ଫଳରେ ଚଳିତ ନିର୍ବାଚନରେ ସ୍ଥାନୀୟ ନେତାଙ୍କ ପାଇଁ ଅଞ୍ଚଳର ସମସ୍ୟା ପ୍ରତିଶ୍ରୁତିବଦ୍ଧତାର ବାହାରେ ଥିଲା। କୌଣସି ଭୋଟର କିମ୍ବା ସଚେତନ ନାଗରିକ ସ୍ଥାନୀୟ ନେତୃମଣ୍ଡଳୀଙ୍କଠାରୁ ଏହି ପ୍ରସଙ୍ଗ ଉଠାଇବା ସୁଯୋଗର ପାଇ ନଥିଲେ। ଫଳରେ ନେତାଙ୍କ ପାଇଁ କିଛି ବି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଏହି ନିର୍ବାଚନ ମଣ୍ଡଳୀରେ ଏବେ ବି ଜଳସେଚନ ପାଇଁ ମେଗା ପ୍ରକଳ୍ପ ସୋନ ବ୍ୟାରେଜ କାର୍ଯ୍ୟକ୍ଷମ ପ୍ରସଙ୍ଗ ସବୁଠୁ ଅଧିକ ଆବଶ୍ୟକତା ରହିଛି। ଗତ ସରକାର ୩୭୦ କୋଟି ମଞ୍ଜୁର କରିଥିବା ବେଳେ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ଏହି ବ୍ୟାରେଜ ନିର୍ମାଣ ଏବର ସକରାରଙ୍କ ପାଇଁ ବଡ ଚାଲେଞ୍ଜ ରହିବ। ସେହିପରି ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ ସତ୍ତ୍ୱେ ନିର୍ମାଣ ଆରମ୍ଭ ନ ହୋଇ ପାରିବା ଏକ



ବଡ ଚ୍ୟାଲେଞ୍ଜ ବୋଲି ନିଆଯାଇପାରେ। ଅପରପକ୍ଷରେ ଉଦଳା ସହରକୁ ଆଜିଯାଏ ପୌରପରିଷଦ ମାନ୍ୟତା ମିଳିଲା ନାହିଁ। ଏହିସବୁ ପ୍ରସଙ୍ଗ ଏବେ ଅଞ୍ଚଳବାସୀଙ୍କ ପାଇଁ ବହୁ ଆବଶ୍ୟକତା ରହିଛି। ଜିଲ୍ଲାର ୫୦ ବର୍ଷର ସହର ତାଲିକାରେ କେବଳ ଉଦଳା ରହିଛି। ଯିଏକି ପୌରପରିଷଦର ମାନ୍ୟତାରୁ ବଞ୍ଚିତ ହୋଇଛି। ସେହିପରି ସ୍ୱାଧୀନତା ପରେ ବି ଏହି ଉପଖଣ୍ଡକୁ ରେଳସେବା ମିଳିନାହିଁ। ଫଳରେ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଏହିସବୁ ଦାବି ଆଗାମୀ ଦିନରେ ସବୁଠାରୁ ବଡ ପ୍ରସଙ୍ଗ ହେବା ନିଶ୍ଚିତ। ଉଦଳା ଅଞ୍ଚଳରେ ବ୍ୟାପକ ପର୍ଯ୍ୟଟନର ସୁଯୋଗ ରହିଥିବା ବେଳେ ଏହା ଭବିଷ୍ୟତରେ ନିଯୁକ୍ତିର ମୁଖ୍ୟ ମାଧ୍ୟମ ହେବା ନିଶ୍ଚିତ କଥା। ଦେବକୁଣ୍ଡଠାରୁ ଆରମ୍ଭ କରି କାଳ ସୋନେଇ ଜଳଭଣ୍ଡାର ସମିବୃକ୍ଷ, ଟାଙ୍ଗରିଆ ଟାଙ୍ଗାରାଶୁଣି, ମାଛ କାନ୍ଦଣା, ଲୁଇପା ଆଦିର ବିକାଶ ଏବେ ମୁଖ୍ୟ ପ୍ରସଙ୍ଗ ହୋଇରହିଛି। ଉଦଳା ଅଞ୍ଚଳରେ ଏବେ ବି ୬୦ ପ୍ରତିଶତ ଜନସାଧାରଣ ଗରିବ ରେଖା ତଳେ କାଳତିପାତ କରୁଛନ୍ତି। ଉପାନ୍ତ ଅଞ୍ଚଳରେ ପିଇବା ପାଣିଠାରୁ ଆରମ୍ଭ କରି ବାସଗୃହ, ଦୁଇବେଳା ଖାଦ୍ୟ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ଅବହେଳିତ ଅବସ୍ଥାରେ ରହିଛି।

## ସୁବର୍ଣ୍ଣରେଖାରୁ ବେଆଇନ ବାଲି ଚାଲାଣ; ଟ୍ରାକ୍ଟର ଜବତ

ଜାମଶୋଳା, ୧୮।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଥିବା ସୁବର୍ଣ୍ଣରେଖା ନଦୀରୁ ବେଆଇନଭାବେ ଦୈନିକ ବାଲି ଚାଲାଣ ହେଉଛି। ଆଜି ଏକ ଟ୍ରାକ୍ଟର ବାଲି ବୋଝେଇ କରୁଥିବାବେଳେ ଖବର ପାଇ ଝାରପୋଖରିଆ ପୁଲିସ ଜବତ କରିବା ସହିତ ଚାଳକକୁ ଅଟକ ରଖିଛି। ପୁଲିସ ଏକ ମାମଲା ରୁଜୁକରି ଚାଳକକୁ କୋର୍ଟଚାଲାଣ କରାଯିବ ବୋଲି ଝାରପୋଖରିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ସାରସକଣା ଅଞ୍ଚଳର ବହୁ ବାଲିଘାଟ ରହିଥିବାବେଳେ ଦୈନିକ ବେଆଇଭାବେ ଚାଲାଣ ହେଉଛି। ଫଳରେ ହିତାଧିକାରୀ ଚଢାଦରରେ ଘର ନିର୍ମାଣ କରିବା ସମ୍ଭବ ହେଉନି। ଏଠାରୁ ବାଲି ଝାରଖଣ୍ଡ ଓ ପଶ୍ଚିମବଙ୍ଗକୁ ଚୋରାରେ ଚାଲାଣ ହେଉଛି। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏଥିପ୍ରତି ଖଣିବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମେଘାଚ୍ଛନ୍ନ ସାହିତ୍ୟ ଇ-ପତ୍ରିକା ପ୍ରକାଶିତ

ରାଇରଙ୍ଗପୁର, ୧୮।୬(ସମିସ): ଜାମଦା ଅଞ୍ଚଳର ମେଘାଚ୍ଛନ୍ନ ସାହିତ୍ୟ ସଂସଦ ପକ୍ଷରୁ ମେଘାଚ୍ଛନ୍ନ ସାହିତ୍ୟ ଇ-ପତ୍ରିକାର ଅଷ୍ଟମ ସଂଖ୍ୟା ପ୍ରକାଶ ପାଇଛି। ସମ୍ପାଦନ ମଣ୍ଡଳୀ ପରିବର୍ତ୍ତନ କରାଯାଇ ନୂତନ ସମ୍ପାଦନ ମଣ୍ଡଳୀ ଗଠନ କରାଯାଇଛି। ଏହି ସମ୍ପାଦନ ମଣ୍ଡଳୀରେ ମୁଖ୍ୟ ଉପଦେଷ୍ଟା ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓଡ଼ିଶା ସରକାରଙ୍କ ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ, ଉପଦେଷ୍ଟା ଭାବେ ଝାଡଖଣ୍ଡ ସ୍ଥିତ କୋଲ୍‌ହଣ ବିଶ୍ୱବିଦ୍ୟାଳୟର ଡ଼କ୍ଟର ହରିହର ପ୍ରଧାନ ଏବଂ ବରିଷ୍ଠ ଲେଖକ ଡମ୍ବରୁ ମହାନ୍ତ ଦାୟିତ୍ୱ ନେଇଥିବା ବେଳେ ସହସମ୍ପାଦକ ଭାବେ ତୁଷାରକାନ୍ତ ମହାନ୍ତ, ରବୀନ୍ଦ୍ର ପଟ୍ଟନାୟକ, ପ୍ରଶ୍ନ କୁମାର ଶତପଥୀ, ଝାଡଖଣ୍ଡର ସରୋଜ ପ୍ରଧାନ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ଉପସଭାପତି ଏବଂ ଲେଖିକା ରେଖାରାଣୀ ବାରିକ ପ୍ରମୁଖ ରହିଛନ୍ତି। ମେଘାଚ୍ଛନ୍ନର ଅଷ୍ଟମ ସଂଖ୍ୟାରେ ତାରାପ୍ରସାଦ ଜେନା, ପିଙ୍କୁନ ମାଝୀ, ମନୋରମା ସାହୁ, ଲବଦାନ ନାଏକ, ପ୍ରିୟାରାଣୀ ଦାସ, ଶର୍ମିଷ୍ଠା ତାରେଣିଆ, ସୁକାନ୍ତ ଖଣ୍ଡା, ଉତ୍କଣ୍ଠା ରାଉତ, ପ୍ରଶ୍ନ କୁମାର ଶତପଥୀ, ଡ଼କ୍ଟର ସନ୍ତୋଷ କୁମାର ପଣ୍ଡା, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ବରିହା, ଜଗବନ୍ଧୁ ମହାନ୍ତ, ପ୍ରଜ୍ଞା ପରିମିତା ପ୍ରିୟଦର୍ଶିନୀ, ଇଂ ଗଙ୍ଗାଧର ମହାନ୍ତ ପ୍ରମୁଖ ୧୫ ଜଣ କବି ଓ କବୟିତ୍ରୀଙ୍କ କବିତା ପ୍ରକାଶିତ ହୋଇଛି।

## ପୁରୁଷୋତ୍ତମ ପଞ୍ଚାୟତରେ ରଜ ଉତ୍ସବ ଉଦ୍‌ଯାପିତ

ମୋରଡା/ରାସଗୋବିନ୍ଦପୁର, ୧୮।୬(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମ ପଞ୍ଚାୟତର ଚନ୍ଦନ ପଡ଼ିଆରେ ୩ ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରଜପର୍ବରେ ବିଭିନ୍ନ ଗାଁର ଝିଅ, ବୋହୂ, କୁନି କୁନି ପିଲା ସଜବାଜ ହୋଇ ରଜଦୋଳି ଖେଳିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଭାଗବତ ଜୀଉ ୟୁଥ କ୍ଲବର ସମସ୍ତ ସଦସ୍ୟମାନେ ଉତ୍ସବକୁ ପରିଚାଳନା କରିଥିଲେ। ଏହି ଅବସରରେ କମିଟି ତରଫରୁ ରାଜପାନ ଏବଂ ପୋଡ଼ପିଠା ସହିତ ସୁଖାଦ୍ୟ ବଣ୍ଟନ କରିଥିଲେ। ଶେଷ ଦିନରେ ମହିଳାଙ୍କ ମଧ୍ୟରେ ଶଙ୍ଖଫୁଙ୍କା ଏବଂ କୁନି କୁନି ପିଲାମାନଙ୍କ ମଧ୍ୟରେ ପୁଚି ଓ ଝୋଟି ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା କ୍ଲବ ସଭାପତି ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ରାଧାମୋହନ ଘୋଷ ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ଦିଲ୍ଲୀପ ମହାନ୍ତି, ବରିଷ୍ଠ ସମାଜସେବୀ ମନୋରଞ୍ଜନ ବିଶ୍ୱାଳ, ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ଗିରି, କରୁଣାକର ଦାସ, ଅନୁଜ ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅମିତ ଘୋଷ ମହାପାତ୍ର, ହରିଶଙ୍କର ମହାନ୍ତି, ଶାନ୍ତନୁ ଦାସ, ଜଗଦୀଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୋଚିଲାଖୁଣ୍ଟା ରଜ ମହୋତ୍ସବ ଉଦ୍‌ଯାପିତ



ବଡସାହି, ୧୮।୬(ସମିସ): ବଡ଼ସାହି ବ୍ଲକ ଅଧୀନ କୋଚିଲାଖୁଣ୍ଟା ଗ୍ରାମ ମା' ମଙ୍ଗଳା ମନ୍ଦିର ପରିସରରେ ୩ ଦିନ ଧରି ଚାଲିଥିବା ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରତିକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୪୦ଟି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପିଲାଠାରୁ ବୁଢା ପର୍ଯ୍ୟନ୍ତ ଅଂଶଗ୍ରହଣ କରିଥିଲେ। ବିଶେଷ ଭାବରେ ଏଥିରେ ଝିଅ ବୋହୂମାନେ ବେଶୀ ପରିମାଣରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ୧୨୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅତିଥି ଭାବରେ ରାଜକିଶୋର ବେହେରା, ସୁଭାକାର ସେଠୀ, ରତିକାନ୍ତ ବେହେରା, ଭବେଶ ଚନ୍ଦ୍ର ସାହୁ, ଭଗବାନ ବେହେରା, ସରପଞ୍ଚ ତଅପୋଇ ସିଂ, ପୂର୍ବତନ ସରପଞ୍ଚ, ନରେନ୍ଦ୍ର ସିଂ ପ୍ରମୁଖ ପୁରସ୍କୃତ କରିଥିଲେ। ସେହିପରି କିଛି ବ୍ୟକ୍ତିବିଶେଷଙ୍କୁ ମାଆ ମଙ୍ଗଳା 'ରଜ ମଉଜ' ମଞ୍ଚରେ କମିଟି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। କାଞ୍ଚନ କୁମାର ପ୍ରଧାନ, ଉପାଧ୍ୟକ୍ଷ ବଡ଼ସାହି ବ୍ଲକଙ୍କୁ 'ହିଙ୍ଗୁଳା ପୁତ୍ର' ଓ ସନ୍ତୋଷ କୁମାର ମହାନ୍ତିଙ୍କୁ 'ବୃକ୍ଷ ପିତା' ଏବଂ ଡ଼. ରମାକାନ୍ତ ମହାନ୍ତ ଙ୍କୁ 'ବୃକ୍ଷ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ୨୦୨୪ର ରଜରାଣୀ ମୁକୁଟ ପିନ୍ଧିଛନ୍ତି କୁମାରୀ ଲକ୍ଷ୍ମୀପ୍ରିୟା ସିଂହ। କାର୍ଯ୍ୟକ୍ରମରେ ରମାକାନ୍ତ ବେହେରା, ସଞ୍ଜୟ ବେହେରା, ମୁକ୍ତିକ୍ରିଷନ୍ ବେହେରା, ସୁରଜ ବେହେରା, ସୁବ୍ରତ ବେହେରା, ସାଗର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଖେଳର ସମସ୍ତ ପୁରସ୍କାର ଶ୍ରୀକୃଷ୍ଣ ବେହେରା ଏବଂ ନାଚ ଗୀତର ସମସ୍ତ ପୁରସ୍କାର ଶିକ୍ଷକ ଗଣେଶ ବେହେରା ପ୍ରଦାନ କରିଥିଲେ।

## ଦୁଇବର୍ଷ ହେଲା ରାଇରଙ୍ଗପୁର ଏଏସ୍‌ପି ପଦ ଖାଲି

ରାଇରଙ୍ଗପୁର, ୧୮।୬(ସମିସ): ପୌର ପରିଷଦ ଅଞ୍ଚଳ ମହୁଲଡିହା ଠାରେ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀଙ୍କ କାର୍ଯ୍ୟାଳୟ ପାଇଁ ନୂତନ ଗୃହ ନିର୍ମାଣ ହୋଇ ଉଦଘାଟିତ ହୋଇଛି। କିନ୍ତୁ ନୂତନ ଗୃହଟି ଏକ ବର୍ଷ ହେଲା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। କାରଣ ଦୀର୍ଘ ସମୟ ହେଲା ରାଇରଙ୍ଗପୁରରେ ଏଏସ୍‌ପି ପଦବୀ ଖାଲି ପଡ଼ିଛି। ଏପର୍ଯ୍ୟନ୍ତ କାହାକୁ ନିଯୁକ୍ତି ମିଳିନାହିଁ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାଇରଙ୍ଗପୁର ଏଏସ୍‌ପି ଭାବରେ ମନୋରଞ୍ଜନ ବିଶ୍ୱାଳ ଗତ ୨୦୨୨ ମସିହା ଜୁଲାଇ ୩୧ ତାରିଖରେ ଅବସର ଗ୍ରହଣ କରିବା ପରେ ଏହି ପଦବୀ ଖାଲି ପଡ଼ିଛି। ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଅଧୀନରେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ରହିଛି। ରାଇରଙ୍ଗପୁର ଅଞ୍ଚଳରେ ୭ଟି ଥାନା ଓ ୪ଟି ଫାଣ୍ଡି ରହିଛି। ସେହିପରି କରଞ୍ଜିଆ ଉପଖଣ୍ଡରେ ୬ଟି ଥାନା ଓ ୨ଟି ଫାଣ୍ଡି ରହିଛି। ଏଥିସହିତ ଜିଲ୍ଲାର କିଛି ଥାନାର ସୀମା ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଲାଗି ରହିଛି। ଉକ୍ତ ଥାନା ଅଞ୍ଚଳ ଗୁଡିକ ଝାଡ଼ଖଣ୍ଡ ରାଜ୍ୟ ସୀମାକୁ ଲାଗି ଥିବାରୁ ଅଧିକାଂଶ ସମୟରେ ଲୁଟ୍, ଛିନତାଇ, ହତ୍ୟା ଓ ଡକାୟତି ଭଳି ଅପରାଧିକ ଘଟଣା ଘଟୁଛି। ତେଣୁ ରାଇରଙ୍ଗପୁର ଏଏସପି ପଦବୀ ଶୀଘ୍ର ପୂରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ବିଦ୍ୟାଳୟ ନିକଟରେ ମଦ ବିକ୍ରି; ଅଭିଭାବକ ମହଲରେ ଅସନ୍ତୋଷ

କରଞ୍ଜିଆ, ୧୮।୬(ସମିସ): ଆଉ ମାତ୍ର ଗୋଟିଏ ଦିନ ପରେ ସମସ୍ତ ବିଦ୍ୟାଳୟ ଖୋଲିବ; କିନ୍ତୁ କରଞ୍ଜିଆ ବ୍ଲକର ବଡଦେଉଳି ପଞ୍ଚାୟତ ଅନ୍ତର୍ଗତ ଭଅଁରା ଗ୍ରାମର ଅଭିଭାବକ ମହଲରେ ଭାଳେଣି ପଡ଼ିଯାଇଛି। କରଣ ବିଦ୍ୟାଳୟ ନିକଟରେ ରାତି ଦିନ ଦେଶୀ ମଦ ଖଲାଖୋଲି ଭାବେ ବିକ୍ରି ହେଉଥିବାରୁ ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡୁଛି। ଦୀର୍ଘ ଦିନ ଧରି ମଦ ମାଫିଆଙ୍କ ରାଜ ଚାଲିଥିବାରୁ ସେମାନଙ୍କ ବିରୋଧରେ କେହି ଅଭିଯୋଗ କରିବାକୁ ସାହସ ପାଉନାହାନ୍ତି। କେବଳ ବିଦ୍ୟାଳୟ ନୁହେଁ, ବଡଦେଉଳି ପଞ୍ଚାୟତର ଅନେକ ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ହେଉଛି। ଫଳରେ ମଦ ପିଇ ବେପରୁଆଭାବେ ବାଇକ ଚାଳକମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଅନେକ ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ମଦପିଇ ଅନେକ ଯୁବା ବୟସରୁ ରୋଗାକ୍ରାନ୍ତ ହୋଇ ମରୁଥିବା ଦେଖାଯାଉଛି। ପାରିବାରିକ ଅଶାନ୍ତ ମଧ୍ୟ ହେଉଛି। ନିକଟରେ ଭଅଁରା ଗ୍ରାମର ମହିଳାମାନଙ୍କ ଦ୍ୱାରା ଗଠନ କରାଯାଇଥିବା ନିର୍ଭୟା କ୍ଲବର ସଦସ୍ୟାମାନେ ମଦ ମୁକ୍ତ ଗ୍ରାମ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ବିଦ୍ୟାଳୟ ନିକଟରୁ ମଦ ବିକ୍ରି ବନ୍ଦ ପାଇଁ ଦାବି ହେଉଛି।

## ଅପହୃତା ନାବାଳିକା ଉଦ୍ଧାର

ବାରିପଦା, ୧୮।୬(ସମିସ): ବାରିପଦା ସଦର ଥାନା ପୁଲିସ ଦ୍ୱାରା ଜଣେ ଅପହୃତା ନାବାଳିକାକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ଅପହରଣ ହୋଇଥିବାର ନେଇ ସଦର ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଖବର ପାଇ ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିଛି। ଡାକ୍ତରୀ ମାଇନା କରିବା ପରେ ନାବାଳିକାକୁ ସୁଧାର ଗୃହକୁ ପଠାଯାଇଥିବାର ପୁଲିସ ସୂଚନା ଦେଇଛି।

## ଚିତ୍ରେଶ୍ୱରୀ ସାହିତ୍ୟ ସଂସଦର ରଜ ସାହିତ୍ୟ ଆସର

ମୋରଡା, ୧୮।୬(ସମିସ): ଓଡ଼ିଶାର ବିଭିନ୍ନ ପର୍ବ ମାନଙ୍କ ମଧ୍ୟରୁ ରଜପର୍ବକୁ ଓଡ଼ିଶାର ପାରମ୍ପରିକ ଗଣପର୍ବ ବୋଲି କୁହାଯାଏ। ବସୁଧା, ପ୍ରକୃତି ମାତା ପୂଜା କରିବାର ମାହାର୍ଗ୍ୟ ପରମ୍ପରା ରଜ, କୃଷିଭିତ୍ତିକ ସାମାଜିକ ଚଳଣିରେ ଏକ ଗୁରୁତ୍ୱପୂର୍ଣ୍ଣ ମନୋରଞ୍ଜନ ପର୍ବ ରଜ। ମୋରଡା ବ୍ଲକ ଅଧୀନ ଚିତ୍ରଡାରେ ଚିତ୍ରେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସୋମବାର



ସଭାପତି ନରେନ୍ଦ୍ର ମହାନ୍ତଙ୍କ ପୌରୋହିତ୍ୟରେ ରଜ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହିତ୍ୟ ଆସରକୁ ଉଦଘାଟନ କରିଥିଲେ। ସଂସଦର ସମ୍ପାଦକ ଅଜୟ କୁମାର ପାଳ ହଜି ଯାଉଥିବା ରଜ ପର୍ବର ପରମ୍ପରା ଉପରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଦେବେନ୍ଦ୍ର କୁମାର ବେହେରା ରଜ ଏକ କୃଷି ଭିତ୍ତିକ ପର୍ବ କହିବା ସହିତ ଏହାର ତତ୍ତ୍ୱଭିତ୍ତିକ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ପ୍ରିୟମ୍ବଦା ବେହେରା, ଅବସରପ୍ରାପ୍ତ ଶିକ୍ଷକ କ୍ଷିରୋଦଚନ୍ଦ୍ର ମହାନ୍ତ, ବରେନ୍ଦ୍ର କୁମାର ଦାସ, ଭାଗବତ ବାରିକ କବିତା ପାଠ କରିଥିଲେ। ଶେଷରେ ସମସ୍ତେ ପରସ୍ପରକୁ ରଜ ପାନ ଖୁଆଇ ଆତ୍ମୀୟତା ବନ୍ଧନ ସୃଷ୍ଟି କରିଥିଲେ। ସର୍ବଶେଷରେ ଅଶ୍ୱିନୀ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ପାଇଁ ମକଡ୍ରିଲ



ମୋରଡ଼ା, ୧୮।୬(ସମିସ): ମୋରଡ଼ା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଭବନରେ ମଙ୍ଗଳବାର ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଅଣାକାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ଉତ୍ତମ ଜେନା, ଜିଲ୍ଲା ପରିଷଦ ସଦସ୍ୟ ଝରଣା ମୁର୍ମୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ହାମ୍ବିରା ମୁର୍ମୁ, ଅଗ୍ନିଶମ କର୍ମଚାରୀ ଜ୍ୟୋତିରଞ୍ଜନ ଜେନା, କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକାରୀ ଜିତେନ ସିଂ, ଭାଇସ ଚେୟାରମ୍ୟାନ ଜେମାମଣି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପାଣିପାଗ ପରିବର୍ତ୍ତନ ସହିତ ସମୁଦ୍ରର ଉତ୍ତାପରେ ତାରତମ୍ୟ ରହୁନାହିଁ। ଫଳରେ ୩ଟି ଋତୁକୁ ଆମେ ଆଉ ଅନୁଭବ କରିପାରୁନାହୁଁ। ତେଣୁ ବିପର୍ଯ୍ୟୟ ପୂର୍ବରୁ ଲୋକଙ୍କୁ କିପରି ଉଦ୍ଧାର ସହିତ ଥଇଥାନ କରିହେବ ସେ ନେଇ ବିଡିଓ କହିଥିଲେ। ବିପର୍ଯ୍ୟୟ ସମୟରେ ଏବଂ ପରେ ସମସ୍ତେ ସଜାଗ ହୋଇ ରହିବା ସହିତ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଚିତ୍ରଡା ଅଗ୍ନିଶମ ବିଭାଗ ପାଖରେ ବିଭିନ୍ନ ସାମଗ୍ରୀ ରହିଛି। ଫଳରେ ବିପର୍ଯ୍ୟୟର ଠିକ୍‌ଭାବେ ମୁକାବିଲା କରିପାରିବା ବୋଲି ଜ୍ୟୋତିରଞ୍ଜନ ଜେନା ପ୍ରକାଶ କରିଥିଲେ। କାଳବୈଶାଖୀ, ଭୂମିକମ୍ପ, ବାତ୍ୟା ହେବା ସବୁବେଳେ ସମ୍ଭାବନା ରହିଥାଏ। ତେଣୁ ସମସ୍ତେ ଏକ ହୋଇ ଲଢ଼ିଲେ ସମସ୍ତ ପ୍ରକାର ଦୁର୍ବିପାକକୁ ସାମ୍ନା କରିପାରିବା ଏବଂ ବାତ୍ୟା ଆଶ୍ରୟସ୍ଥଳୀ କିପରି ବ୍ଲକ ସାରା ସମସ୍ତ ପଞ୍ଚାୟତରେ ଶୀଘ୍ର ହୋଇପାରିବ ସେ ନେଇ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଜନ ଅଧିକାରୀ ଜିତେନ ସିଂ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବସୁନ୍ଧରା ଫାଉଣ୍ଡେସନର ରଜ ଉତ୍ସବ ପାଳିତ



ବାରିପଦା, ୧୮।୬(ସମିସ): ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାଘରାରୋଡ ସ୍ଥିତ ବସୁନ୍ଧରା ଅଭିନବ ଉପାୟରେ ରଜ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ୩୦ ଜଣ ଅନାଥ ପିଲାଙ୍କୁ ନେଇ ରଜ ଉତ୍ସବ ପାଳିତ ହୋଇଥିବା ବେଳେ ସମସ୍ତଙ୍କୁ ଚାରା ବଣ୍ଟନ କରାଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ଶୃତି ରାଉତରାୟଙ୍କ ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ପ୍ରତିଦିନ ବୃକ୍ଷ କଟିବା ଯୋଗୁଁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଫଳରେ ଜଳବାୟୁ ପରିବର୍ତ୍ତନ ହୋଇ ପ୍ରତିଦିନ ତାପମାତ୍ରାର ପାରଦ ବଢ଼ିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ କୁନିକୁନି ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଭିନବ ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ତାରାମଣି ମହାପାତ୍ର, ଜଲ୍ଲି ପଟ୍ଟନାୟକ, ଦିପ୍ତୀ ଦାସ, ସୁଭଦ୍ରା ପରିଡ଼ା, ମଧୁସ୍ମିତା ଚୌଧୁରୀ ଏବଂ ଓ.ଆର.ଡି.ର ସାଇପ୍ରକାଶ ମହାନ୍ତି ଓ ଦୀପକ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଖଡ଼ିଆ ସମ୍ପ୍ରଦାୟର ନିଆରା ପରମ୍ପରା 'ଘିନିପାଲାନ୍'

# ବାଦୀଗୀତ ହାରଜିତ୍‌ରେ ବାଛନ୍ତି ଜୀବନସାଥୀ

ବେତନଟୀ, ୧୮।୬(ସମିସ): ଓଡିଆମାନଙ୍କ ବାରମାସରେ ତେରପର୍ବ ଭଳି ଓଡ଼ିଶାରେ ବସବାସ କରୁଥିବା ଭିନ୍ନଭିନ୍ନ ଜାତି ଏବଂ ଜନଜାତିଙ୍କ ପର୍ବପର୍ବାଣି ସହିତ ଜଡିତ ରହିଛି ନିଆରା ପରମ୍ପରା; ଯାହାକୁ ନେଇ ସମ୍ପୃକ୍ତ ଜାତିର ରହିଥାଏ ସ୍ୱତନ୍ତ୍ର ପରିଚୟ ସାଙ୍ଗକୁ ଚାଲିଚଳନ ଓ ସଂସ୍କୃତି। ସେହିଭଳି ଓଡ଼ିଶାରେ ବସବାସ କରୁଥିବା ଆଦିମ ଜନଜାତି ଖଡିଆ ସମ୍ପ୍ରଦାୟ ପକ୍ଷରୁ ରଜସଂକ୍ରାନ୍ତି ଅବସରରେ ପାଳନ କରାଯାଇଥାଏ 'ଘିନିପାଲାନ'। ଏହା ଏହି ସମ୍ପ୍ରଦାୟର ନିଆରା ପରମ୍ପରା। ଯେଉଁଥିରେ କେବଳ ଅବିବାହିତ ଯୁବକ/ଯୁବତୀ ଅଂଶଗ୍ରହଣ କରିଥାନ୍ତି। ଫଳରେ ଏହି ସମ୍ପ୍ରଦାୟର ଯୁବକମାନେ ଆଖପାଖ ଖଡିଆ ସମ୍ପ୍ରଦାୟ ବହୁଳ ଗାଁକୁ ଯାଇଥାନ୍ତି। ସେଠାରେ ବାଦୀଗୀତ ପ୍ରତିଯୋଗିତା ଆୟୋଜନ ହୋଇଥାଏ। ଆଉ ଏହି ବାଦୀଗୀତର ହାରଜିତରୁ ହିଁ ସେମାନେ ଚୟନ କରିଥାନ୍ତି ନିଜର ଜୀବନସାଥୀ। ପହିଲି ରଜରେ ସମସ୍ତେ ପିଠାପଣା ଖାଇ ଦୋଳିଖେଳ, ତାସ୍‌ଖେଳରେ ସମୟ ଅତିବାହିତ କରିଥାନ୍ତି। ଦ୍ୱିତୀୟ ଏବଂ ତୃତୀୟ ଦିନରେ ଖଡିଆ ସମ୍ପ୍ରଦାୟର ଅବିବାହିତ ଯୁବକମାନେ



ଅନ୍ୟତ୍ର ବସବାସ କରୁଥିବା ଜନଜାତି ସମ୍ପ୍ରଦାୟର ଗାଁକୁ ଯାଇଥାନ୍ତି। ଗାଁ ମୁଣ୍ଡରେ ରଜଦୋଳିର ବ୍ୟବସ୍ଥା ସାଙ୍ଗକୁ ବିବାହଯୋଗ୍ୟ ଯୁବତୀମାନେ ଏକତ୍ରିତ ହୋଇଥାନ୍ତି। ବାହାର ଗାଁରୁ ଆସିଥିବା ଅବିବାହିତ ଯୁବକମାନଙ୍କ ସହିତ ସେଠାରେ ପୂର୍ବରୁ ଏକତ୍ରିତ ହୋଇଥିବା ଯୁବତୀଙ୍କ ମଧ୍ୟରେ ବାଦୀଗୀତର ପ୍ରତିଯୋଗିତା ଆରମ୍ଭ ହୋଇଥାଏ। ବାଦୀଗୀତରେ ଯିଏ ଯୁବତୀଙ୍କୁ ପରାସ୍ତ କରେ କିମ୍ବା ପ୍ରଭାବିତ କରିପାରେ ତାଙ୍କୁ ହିଁ ଯୁବତୀମାନେ ଜୀବନସାଥୀ ଭାବରେ ଚୟନ କରିଥାନ୍ତି। ରଜପର୍ବରେ ବାଦୀଗୀତରୁ ଜୀବନସାଥୀ ବାଛିବାର ପ୍ରକ୍ରିୟା ଚୂଡାନ୍ତ ହେବାପରେ ପବିତ୍ର ରଥଯାତ୍ରାରୁ ବାହୁଡାଯାତ୍ରା ମଧ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଷ୍ଟେସନ ବଜାରସ୍ଥିତ ହାଟପଡ଼ିଆରେ ବିବାହ ପାଇଁ ଅବିବାହିତ ଯୁକ/ଯୁବତୀ ଏକତ୍ରିତ ହୋଇଥାନ୍ତି। ଜଗନ୍ନାଥଙ୍କୁ ସାକ୍ଷୀ ରଖି ବିବାହ କରିବା ସହିତ ରଥାରୂଢ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ ପୂର୍ବକ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି। ଯେଉ ବିବାହକୁ ଉଭୟ ପରିବାର ପକ୍ଷରୁ ସ୍ୱୀକୃତି ଦେଇଥାନ୍ତି। ଏହି ପରମ୍ପରା ଶହଶହ ବର୍ଷ ଧରି ଚାଲିଆସୁଛି। ତେଣୁ ନିଆରା ପରମ୍ପରାକୁ ସ୍ଥାନୀୟ ଭାଷାରେ 'ଘିନିପାଲାନ' ବୋଲି କୁହାଯାଇଥାଏ। ପ୍ରଶାସନ ପକ୍ଷରୁ ଶହଶହ ଯୁବକ/ଯୁବତୀଙ୍କ ଆଗମନକୁ ଦୃଷ୍ଟିରେ ରଖି କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ସେମାନେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିବା ମଧ୍ୟ ନଜିରରହିଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଖଡିଶୋଳ ଅଞ୍ଚଳର ଯୁବସମାଜସେବୀ ଡମ୍ବରୁଧର ମହାନ୍ତ ଦାବି ଜଣାଇଛନ୍ତି।

